# ଗର୍ଭବତୀଙ୍କ ଗର୍ଭସ୍ଥ ଶିଶୁର ସୁସ୍ୱାସ୍ଥ୍ୟ ଲାଗି ଆର୍‌ଏଚ୍ ବ୍ଲଡ୍ ପରୀକ୍ଷା ଅପରିହାର୍ଯ୍ୟ

ଭୁବନେଶ୍ୱର (ସବ୍ୟୁ): କେତେକ ଗର୍ଭବତୀଙ୍କଠାରେ ଆର୍‌ଏଚ୍ ଅନିୟମିତତା ଯୋଗୁ ବିପଦ୍ ଜନକ ସ୍ଥିତି ସୃଷ୍ଟି ହୋଇଥାଏ। ଏହାଦ୍ୱାରା ଗର୍ଭସ୍ଥ ଶିଶୁ ଲାଗି ବିପଦ ଦେଖାଦେଇଥାଏ । ଫଳରେ ଗର୍ଭପାତ ଅବା ସମୟ ପୂର୍ବରୁ ପ୍ରସବ ହୋଇଥାଏ। ଏହ ସହିତ ଗର୍ଭସ୍ଥ ଶିଶୁଠାରେ ଗୁରୁତର ରକ୍ତହୀନତା, ମସ୍ତିଷ୍କ ବିକୃତି ଆଦି ସମସ୍ୟା ଦେବାର ଆଶଙ୍କା ରହିଥାଏ । ତେବେ ଏଭଳି ସମସ୍ୟାର ଚିହ୍ନଟ ଆର୍‌ଏଚ୍ ବ୍ଲଡ୍ ପରୀକ୍ଷା ଦ୍ୱାରା ହେବା ସହିତ ଆବଶ୍ୟକ ମେଡିକାଲ ଚିକିତ୍ସା ମାଧ୍ୟମରେ ନିରାକରଣ ସମ୍ଭବ ହୋଇପାରିଥାଏ। ଭାରତରେ ଆର୍‌ଏଚ୍-ନେଗେଟିଭ୍ ବ୍ଲଡ୍ ମହିଳାଙ୍କ ସଂଖ୍ୟା ୫ ପ୍ରତିଶତ। ୨ରୁ ୧୦ ପ୍ରତିଶତ ଗର୍ଭବତୀ ମହିଳାଙ୍କଠାରେ ଆର୍‌ଏଚ୍ ସମସ୍ୟା ଦେଖାଦେଇଥାଏ । ଆର୍‌ଏଚ୍-ନେଗେଟିଭ୍ ମହିଳା ଆର୍‌ଏଚ୍-ପଜିଟିଭ୍ ଗର୍ଭଧାରଣ କଲେ ସମସ୍ୟା ସୃଷ୍ଟି ହୋଇଥାଏ । ଏସମ୍ପର୍କରେ କଟକର ଖ୍ୟାତିସମ୍ପନ୍ନ ଗାଇନାକୋଲୋଜିଷ୍ଟ ଏବଂ ଲାପ୍ରୋସ୍କୋପିକ୍ ସର୍ଜନ ତଥା କନସଲଟାଂଟ୍ ଡ. ଏସ୍.ପି. ପଟ୍ଟନାୟକ କୁହନ୍ତି, ଭାରତରେ ଏଭଳି ସମସ୍ୟା ୨ରୁ ୧୦ ପ୍ରତିଶତ ଥିବାବେଳେ ଓଡ଼ିଶାରେ ଏହା ୧୦ ପ୍ରତିଶତରୁ କମ୍ ରହିଛି। ଆର୍‌ଏଚ୍-ନେଗେଟିଭ୍ ମହିଳା ଆର୍‌ଏଚ୍-ପଜିଟିଭ୍ ଗର୍ଭଧାରଣ କଲେ ସମସ୍ୟା ସୃଷ୍ଟି ହୋଇଥାଏ । ମା' ଶରୀର ଏଭଳି ଭ୍ରୁଣକୁ ଏକ ବାହ୍ୟ ପଦାର୍ଥ ଭାବେ ଗ୍ରହଣ କରି ଏହା ବିରୋଧରେ ଆଂଟିବଡ଼ି ସୃଷ୍ଟି କରିଥାଏ । ଆଂଟିବଡ଼ି ଗର୍ଭନାଳ ଅତିକ୍ରମ କରି ଭ୍ରୁଣର ବ୍ଲଡ୍ ସେଲ୍‌ର ଆର୍‌ଏଚ୍ ଫ୍ୟାକ୍ଟର ଉପରେ ଆକ୍ରମଣ କରିଥାଏ । ଏହାଯୋଗୁ ରେଡ୍ ବ୍ଲଡ୍ ସେଲ୍ ଶୀଘ୍ର ନଷ୍ଟ ହୋଇଥାଏ। ଭ୍ରୁଣରେ ଗୁରୁତର ରକ୍ତହୀନତା ସୃଷ୍ଟି ହୋଇଥାଏ । ରେଡ୍ ବ୍ଲଡ୍ ସେଲ୍ ଅମ୍ଳଜାନ ବହନ କରିଥାଏ । ରେଡ୍ ବ୍ଲଡ୍ ସେଲ୍ ଅଭାବରେ ଆବଶ୍ୟକ ଅମ୍ଳଜାନ ଭ୍ରୁଣ ପାଇପାରେ ନାହିଁ । କେତେକ୍ଷେତ୍ରରେ ରକ୍ତହୀନତା ଯୋଗୁ ଭ୍ରୁଣର ମୃତ୍ୟୁ ଘଟିଥାଏ । ଏହା ଯୋଗୁ ନବଜାତ ଶିଶୁଠାରେ ଜଣ୍ଡିସ୍ ହେବା ସହିତ ମସ୍ତିଷ୍କ ବିକୃତି ସୃଷ୍ଟି ହୋଇଥାଏ । ଆର୍‌ଏଚ୍ ଫ୍ୟାକ୍ଟରକୁ ରେହସସ୍ ଫ୍ୟାକ୍ଟର କୁହାଯାଇଥାଏ । ଏହି ଟେଷ୍ଟ ୨୮ ସପ୍ତାହ ଏବଂ ୩୨ ସପ୍ତାହରେ କରାଯାଇଥାଏ । ଆର୍‌ଏଚ୍ ଅନିୟମିତତା ସମ୍ପର୍କରେ କ୍ଲେଇହାଓ୍ୱାରର୍ସ ବ୍ଲଡ୍ ଟେଷ୍ଟରୁ ଜଣାପଡ଼ିଥାଏ । ଏହା ପରେ ଭ୍ରୁଣର ଅବସ୍ଥା ସମ୍ପର୍କରେ ଜାଣିବା ପାଇଁ ଅଲ୍ଟ୍ରାସାଉଣ୍ଡ କରାଯାଇଥାଏ । ଗର୍ଭର ୨୮ ସପ୍ତାହରେ ଆର୍‌ଏଚ୍ ଇମ୍ୟୁନୋଗ୍ଲୋବିନ୍ ମେଡ଼ିକେଶନ ଇଞ୍ଜେକ୍ସନ୍ ମାଧ୍ୟମରେ କରାଯିବା ଦ୍ୱାରା ଭ୍ରୁଣର ଆର୍‌ଏଚ୍ ପଜିଟିଭ୍ ସେଲ୍ ନଷ୍ଟ ବନ୍ଦ ହୋଇଥାଏ । ଏହା ଆର୍‌ଏଚ୍ ପଜିଟିଭ୍ ଆଂଟିବଡ଼ି ବିକାଶକୁ ପ୍ରତିରୋଧ କରିଥାଏ। ଭ୍ରୁଣର ଆର୍‌ଏଚ୍ ପଜିଟିଭ୍ ବ୍ଲଡ୍ ଆର୍‌ଏଚ୍ ନେଗେଟିଭ୍ ମା'ର ରକ୍ତରେ ମିଶ୍ରିତ ହେବାର ଆଶଙ୍କା ରହିଥାଏ। ତେଣୁ ପ୍ରସବର ୭୨ ଘଂଟା ମଧ୍ୟରେ ଏହି ଇଞ୍ଜେକ୍ସନ୍ ମାଆ'ଙ୍କୁ ଦେବାକୁ ପଡ଼ିଥାଏ ।